ସାହିବ ରାମ

ବନାମ

ହରିୟାଣା ରାଜ୍ୟ ଓ ଅନ୍ୟମାନେ

19, ସେପ୍ଟେମ୍ବର 1994

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚାଲା,ନ୍ୟାୟମୁର୍ତ୍ତିଦ୍ୱୟ]

*ସେବା ଆଇନ:*

*ସରକାରୀ ମହାବିଦ୍ୟାଳୟ-ଲାଇବ୍ରେରିଆନ୍-ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ସୁପାରିଶ-ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିଲେ ହିଁ ବେତନ ପାହ୍ୟାର ସଂଶୋଧନ କରାଯିବ-ଯୋଗ୍ୟତାରେ ରିହାତି-ନିର୍ଣ୍ଣିତ ଯେ,ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀ ହାସଲ କରିଥିଲେ ହିଁ ଅନୁମତି ଦିଆଯାଇପାରିବ କିନ୍ତୁ ଶିକ୍ଷାଗତ ଯୋଗ୍ୟତାରେ ନୁହେଁ-ସମାନ କାମ ପାଇଁ ସମାନ ବେତନର ନୀତି-ପ୍ରଯୁଜ୍ୟତା ।*

**ଆବେଦନକାରୀଙ୍କୁ 29 ଜୁଲାଇ, 1971ରେ ଏକ ସରକାରୀ ମହାବିଦ୍ୟାଳୟରେ 220-550 ଟଙ୍କା ଦରମାରେ ଲାଇବ୍ରେରିଆନ୍ ଭାବରେ ନିଯୁକ୍ତି ଦିଆଯାଇଥିଲା । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ସୁପାରିଶ ଅନୁଯାୟୀ, ଭାରତ ସରକାର 1.1.1973 ଠାରୁ ଲାଇବ୍ରେରିଆନମାନଙ୍କର ବେତନ ପାହ୍ୟାକୁ ଏହି ସର୍ତ୍ତରେ 700-1600 ଟଙ୍କାକୁ ବୃଦ୍ଧି କରିଥିଲେ, ଯେ ସେମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ., ଏମ୍.ଏସ୍.ସି., ଏମ୍.କମ୍. ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀ ସହିତ ଲାଇବ୍ରେରୀ ବିଜ୍ଞାନରେ ସ୍ନାତକ କିମ୍ବା ଲାଇବ୍ରେରୀ ବିଜ୍ଞାନରେ ଡିପ୍ଲୋମାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀ ସହିତ ଉତ୍ତୀର୍ଣ୍ଣ ହୋଇଥିବେ । ପରେ, ନିଷ୍ପତ୍ତି ନିଆଗଲା ଯେ 3.12.1972 କିମ୍ବା ତା' ପୂର୍ବରୁ ମହାବିଦ୍ୟାଳୟରେ ନିଯୁକ୍ତ ହୋଇଥିବା ଲାଇବ୍ରେରିଆନମାନଙ୍କୁ ଡିଗ୍ରୀ, ଡିପ୍ଲୋମା କିମ୍ବା ଅନ୍ୟାନ୍ୟ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାର ଯୋଗ୍ୟତାରେ କୋହଳ କରି ବର୍ଦ୍ଧିତ ବେତନ ହାର ମଞ୍ଜୁର କରାଯାଇପାରିବ । ଆବେଦନକାରୀଙ୍କୁ ତାଙ୍କ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦ୍ୱାରା ସଂଶୋଧିତ ଦରମା ପ୍ରଦାନ କରାଯାଇଥିଲା କିନ୍ତୁ ପରେ ସରକାର ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ବର୍ଦ୍ଧିତ ବେତନ ହାର ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।**

**ଆବେଦନକାରୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଦାଖଲ କରାଯାଇଥିବା ଆପତ୍ତି ଅସଫଳ ହୋଇଥିଲା ।**

**ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ଆବେଦନରେ ଯୁକ୍ତି କରାଯାଇଥିଲା ଯେ ଯେହେତୁ ଆବେଦନକାରୀଙ୍କୁ ଶିକ୍ଷାଗତ ଯୋଗ୍ୟତା କ୍ଷେତ୍ରରେ କୋହଳ ପ୍ରଦାନ କରି ବର୍ଦ୍ଧିତ ବେତନ ପାହ୍ୟା ପ୍ରଦାନ କରାଯାଇଥିଲା, ତେଣୁ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିବାରେ ଭୁଲ କରିଥିଲେ ।**

**ଏହି ନ୍ୟାୟାଳୟ ଆବେଦନକୁ ଆଂଶିକ ଭାବେ ଗ୍ରହଣ କରି**

**ନିର୍ଣ୍ଣୟ ନେଇଥିଲେ ଯେ: ଏହି ରିହାତି କେବଳ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତାରେ ପ୍ରଥମ ଶ୍ରେଣୀ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା କ୍ଷେତ୍ରରେ ଦିଆଯାଇଥିଲା, କିନ୍ତୁ ଶିକ୍ଷାଗତ ଯୋଗ୍ୟତାରେ କୌଣସି ରିହାତି ଦିଆଯାଇନଥିଲା । ଯେହେତୁ ଆବେଦନକାରୀଙ୍କ ପାଖରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନାହିଁ, ସେଥିପାଇଁ ସେ ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ । ଅଧ୍ୟକ୍ଷ ତାଙ୍କୁ ରିହାତି ପ୍ରଦାନ କରି ଭୁଲ୍ କରିଥିଲେ । ତେବେ, ଅପିଲକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ଭୁଲ ଉପସ୍ଥାପନା ପାଇଁ ଆବେଦନକାରୀଙ୍କୁ ବର୍ଦ୍ଧିତ ବେତନ ପାହ୍ୟାର ଲାଭ ଦିଆଯାଇ ନାହିଁ, ବରଂ ଅଧ୍ୟକ୍ଷଙ୍କ ଦ୍ୱାରା କରାଯାଇଥିବା ଭୁଲ ଅନ୍ୱୟ ପାଇଁ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ତେଣୁ, ତାଙ୍କଠାରୁ ଏଯାବତ୍ ଦିଆଯାଇଥିବା ରାଶି ଆଦାୟ ହୋଇନପାରେ । ସମାନ କାର୍ଯ୍ୟ ପାଇଁ ସମାନ ଦରମା ନୀତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ମାପକାଠିରେ ଲାଗୁ ହେବ ନାହିଁ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା ୬୫୬୫/1994 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 10988/1993ରେ ପଞ୍ଜାବ ଓ ହରିୟାଣା ନ୍ୟାୟାଳୟଙ୍କ ୨.୨.93 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀକାରୀଙ୍କ ପକ୍ଷରୁ ପ୍ରେମ ମଲହୋତ୍ରା ।

ଉତ୍ତରଦାତାଙ୍କ ପକ୍ଷରୁ ଶ୍ରୀମତୀ ଇନ୍ଦୁ ମଲହୋତ୍ରା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆବେଦନକାରୀଙ୍କୁ 29 ଜୁଲାଇ, 1972 ରେ ସରକାରୀ ମହାବିଦ୍ୟାଳୟରେ 220-550 ଟଙ୍କା ଦରମାରେ ଲାଇବ୍ରେରିଆନ୍ ଭାବରେ ନିଯୁକ୍ତି ଦିଆଯାଇଥିଲା । ଭାରତ ସରକାରଙ୍କ ସୁପାରିଶକୁ ହରିୟାଣା ସରକାର ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ଦ୍ୱାରା 1ଜାନୁଆରୀ 1973ରୁ ଲାଇବ୍ରେରିଆନଙ୍କ ଦରମା ସ୍କେଲକୁ 700-1600 ଟଙ୍କାକୁ ବୃଦ୍ଧି କରାଯାଇଥିଲା, ଯଦି ସେମାନଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ., ଏମ୍.ଏସ୍.ସି., ଏମ୍.କମ୍ ରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ଲାଇବ୍ରେରୀ ବିଜ୍ଞାନରେ ସ୍ନାତକ କିମ୍ବା ଲାଇବ୍ରେରୀ ବିଜ୍ଞାନରେ ଡିପ୍ଲୋମାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ, ଲାଇବ୍ରେରୀ ସ୍ନାତକୋତ୍ତର ଡିଗ୍ରୀ ଏକ ଅଗ୍ରାଧିକାର ଯୋଗ୍ୟତା ଥିଲା । ଏହାପରେ 1972 ମସିହା ଡିସେମ୍ବର 31 ତାରିଖ ପୂର୍ବରୁ ନିଯୁକ୍ତ ହୋଇଥିବା ଅନେକ ଗ୍ରନ୍ଥାଗାରିକଙ୍କ ଦ୍ୱାରା ଦିଆଯାଇଥିବା ଆବେଦନ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ସୁପାରିଶକୁ ବିଚାରକୁ ନେଇ ଭାରତ ସରକାର 1987 ମସିହା ଜାନୁଆରୀ 16 ତାରିଖରେ ଏକ ଆଦେଶନାମା ଜାରି କରି ଏମ୍.ଏ., ଏମ୍.ଏସ୍.ସି., ଏମ୍.କମ୍. ଏବଂ ଅନ୍ୟାନ୍ୟ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀ ପାଇବା ଆବଶ୍ୟକତାକୁ କୋହଳ କରିଥିଲେ, ଯାହା ନିମ୍ନଲିଖିତ ଅନୁସାରେ ଥିଲା:

" ବର୍ତ୍ତମାନ ୟୁଜିସିର ସୁପାରିଶ କ୍ରମେ ନିଷ୍ପତ୍ତି ନିଆଯାଇଛି ଯେ ମହାବିଦ୍ୟାଳୟରେ ଥିବା ଲାଇବ୍ରେରିଆନ ପଦବୀର ବର୍ତ୍ତମାନର ଅଧିକାରୀମାନେ, ଯେଉଁମାନେ 3.12.1972 କିମ୍ବା ତା' ପୂର୍ବରୁ ଏହି ପଦବୀରେ ନିଯୁକ୍ତ ହୋଇଛନ୍ତି, ସେମାନଙ୍କୁ ଡିଗ୍ରୀ, ଡିପ୍ଲୋମା କିମ୍ବା ଅନ୍ୟାନ୍ୟ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଯୋଗ୍ୟତା କୁ କଠୋରତାର ସହ ବିଚାରକୁ ନନେଇ ଉପରୋକ୍ତ ପରିଶିଷ୍ଟ-1ରେ ଉଲ୍ଲେଖ କରାଯାଇଥିବା ଯୋଗ୍ୟତାକୁ କୋହଳ କରି 700-1600 ଟଙ୍କାର ବର୍ଦ୍ଧିତ ବେତନ ପାହ୍ୟା ମଞ୍ଜୁର କରାଯାଇପାରିବ ।

ଆବେଦନକାରୀ ଯେଉଁ ମହାବିଦ୍ୟାଳୟରେ ଲାଇବ୍ରେରିଆନ୍ ଭାବରେ କାର୍ଯ୍ୟ କରୁଥିଲେ, ସେହି ମହାବିଦ୍ୟାଳୟର ଅଧକ୍ଷ ତାଙ୍କୁ ଉପରୋକ୍ତ ଆଦେଶ ଅନୁଯାୟୀ କାର୍ଯ୍ୟ କରିବା ପାଇଁ ସଂଶୋଧିତ 700-1600 ଟଙ୍କା ଦରମା ପ୍ରଦାନ କରିଥିଲେ । ତଥାପି, ହରିୟାଣା ସରକାର ଆବେଦନକାରୀଙ୍କୁ ଦିଆଯାଇଥିବା 700-1600 ଟଙ୍କା ଦରମା ପ୍ରତ୍ୟାହାର କରିବାକୁ ଅଧକ୍ଷଙ୍କୁ

ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟରେ C.W.P. ସଂଖ୍ୟା 10988/1993 ରେ ସେମାନଙ୍କ ନିର୍ଦ୍ଦେଶକୁ ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ 9 ସେପ୍ଟେମ୍ବର 1993 ର ଉକ୍ତ ଆକ୍ଷେପିତ ଆଦେଶ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ।

ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆପିଲକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ପ୍ରେମ ମାଲହୋତ୍ରା ଯୁକ୍ତି ଦର୍ଶାଇଥିଲେ ଯେ ଶିକ୍ଷାଗତ ଯୋଗ୍ୟତା ଛାଡ଼ କରି ଆପିଲକାରୀଙ୍କୁ ସେହି ବେତନ ପାହ୍ୟା ପ୍ରଦାନ କରାଯାଇଥିବାରୁ ପୂର୍ବ 220-550 ଟଙ୍କାର ବେତନ ହାର ବୃଦ୍ଧି ପାଇ 700-1600 ଟଙ୍କା ହୋଇଗଲା । ତେଣୁ, ଆଜ୍ଞାଦେଶ ଆବେଦନକୁ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ଭୁଲ କରିଥିଲେ । ଏହି ଯୁକ୍ତିରେ ଆମେ କୌଣସି ସାରମର୍ମ ପାଉନାହୁଁ । ଦେଖାଯାଏ ଯେ ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ସହ ପରାମର୍ଶ କରି ମହାବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଲାଇବ୍ରେରିଆନଙ୍କ ଦରମା ପାହ୍ୟାକୁ 700-1600ଟଙ୍କାକୁ ସଂଶୋଧନ କରିଥିଲେ, କିନ୍ତୁ ସେମାନେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ., ଏମ୍.ଏସ୍.ସି., ଏମ୍.କମ୍. ରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ସ୍ନାତକୋତ୍ତର ଲାଇବ୍ରେରୀ ବିଜ୍ଞାନ କିମ୍ବା ଲାଇବ୍ରେରୀ ବିଜ୍ଞାନରେ ଡିପ୍ଲୋମାରେ ପ୍ରଥମ କିମ୍ବା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ଉପରେ ଜୋର ଦେଇଥିଲେ । ଏହି ରିହାତି କେବଳ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତାରେ ପ୍ରଥମ ଶ୍ରେଣୀ କିମ୍ବା ଦ୍ୱିତୀୟ ଶ୍ରେଣୀ ହାସଲ କରିବା ପାଇଁ ଦିଆଯାଇଥିଲା, କିନ୍ତୁ ଶିକ୍ଷାଗତ ଯୋଗ୍ୟତାରେ କୌଣସି ରିହାତି ଦିଆଯାଇନଥିଲା ।

ଏହା ସ୍ୱୀକାରଯୋଗ୍ୟ ଯେ ଆବେଦନକାରୀଙ୍କ ପାଖରେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନାହିଁ । ଏହି ପରିସ୍ଥିତିରେ ଆବେଦନକାରୀ ରିହାତି ପାଇବାକୁ ହକ୍‌ଦାର ହେବେ ନାହିଁ । ତାଙ୍କୁ ରିହାତି ପ୍ରଦାନ କରିବାରେ ଅଧକ୍ଷ ତ୍ରୁଟି କରିଥିଲେ । ରିହାତି ତାରିଖଠାରୁ ଆବେଦନକାରୀଙ୍କୁ ସଂଶୋଧିତ ହାରରେ ଦରମା ପ୍ରଦାନ କରାଯାଇଥିଲା । ତେବେ, ଏହା ଆବେଦନକାରୀଙ୍କ ଦ୍ୱାରା ଦିଆଥିବା କୌଣସି ଭୁଲ ଉପସ୍ଥାପନା କାରଣରୁ ତାଙ୍କୁ ବର୍ଦ୍ଧିତ ବେତନ ପାହ୍ୟାର ସୁବିଧା ଦିଆଯାଇ ନଥିଲା, ବରଂ ଅଧକ୍ଷଙ୍କ ଦ୍ୱାରା କରାଯାଇଥିବା ଭୁଲ ବ୍ୟାଖ୍ୟା କାରଣରୁ ଏହା ହୋଇଥିଲା ତେଣୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ଏହି ପରିସ୍ଥିତିରେ ଆବେଦନକାରୀଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଦିଆଯାଇଥିବା ରାଶି ଉଦ୍ଧାର କରାଯାଇପାରିବ ନାହିଁ । ସମାନ କାର୍ଯ୍ୟ ପାଇଁ ସମାନ ଦରମା ନୀତି ବିଶ୍ୱବିଦ୍ୟାଳୟ

ଅନୁଦାନ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ମାପକାଠିରେ ଲାଗୁ ହେବ ନାହିଁ । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।